**ପୌର ନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର**

**ଭଦ୍ରକ ଅଫିସ:** ଭଦ୍ରକ ପୌରପାଳିକା କାଉନସିଲ ବୈଠକ ପରେ ଶୁକ୍ରବାର ନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବୈଠକ ସରିବା ପରେ କୌଣସି କାରଣକୁ ନେଇ ଜଣେ ବ୍ୟକ୍ତି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ତାଙ୍କ ଚ୍ୟାମ୍ବରରେ ଦୁର୍ବ୍ୟବହାର କରିଥିଲେ। ଏପରିକି ତାଙ୍କୁ ମାଡ଼ ମାରିବା ପାଇଁ ଉଦ୍ୟମ କରିବା ବେଳେ ସେ ଚ୍ୟାମ୍ବରରୁ ଦୌଡ଼ି ପଳାଇଥିଲେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରୁ ମଧ ଥାନାରେ ପାଲଟା ଅଭିଯୋଗ କରାଯାଇଛି।



## ସଂକ୍ଷେପରେ

### ଅବକାରୀ ଚଢ଼ାଉ,୩ ଗିରଫ

ଖୁଣ୍ଟା,୨୭।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପୋଲିସ ଚଢ଼ାଉ କରି ୩ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମୋଟ ୩୫ ଲିଟର ଚୋରା ମହୁଲି ମଦ ଜବତ ହୋଇଛି।

ଅବକାରୀ ଥାନା ଅଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ଖୁଣ୍ଟା ଓ ଉଦଳା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଖୁଣ୍ଟା ଥାନା ଅଧୀନ କିରିକିଚିଆ ଗ୍ରାମର ଭୁଚୁଙ୍ଗ ମୁର୍ମୁ, ସାଲଗେ ମାରାଣ୍ଡି ଓ ନୂଆସାହି ଗ୍ରାମର ଲେଡ଼ା ଟୁଡୁ ବେଆଇନ ଭାବେ ଚୋରା ମହୁଲିମଦ ବ୍ୟବସାୟ ନିମନ୍ତେ ଗଚ୍ଛିତ ରଖିଥିବା ଜଣାପଡ଼ିଥିଲା।

### ପୋଖରୀରେ ବୁଡ଼ି ଯୁବକ ମୃତ

ଉଦଳା,୨୭।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଧୀନ ୯ନଂ. ୱାର୍ଡର ଜଣେ ଯୁବକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ସତୀଶ ପାତ୍ର। ଶୁକ୍ରବାର ମଧାହ୍ନରେ ସେ ନିକଟସ୍ଥ ଗୋଡ଼ି ପୋଖରୀକୁ ଗାଧୋଇବାକୁ ଯାଇଥିଲା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା

ଭଦ୍ରକ ଅଫିସ,୨୭।୫-ଭଦ୍ରକ ବରିଷ୍ଠ ନାଗରିକ ମଞ୍ଚର ଏକ ଜରୁରୀ ବୈଠକ ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ନାଗରିକ ମଞ୍ଚର କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ପଦ୍ମନାଭ ପାଢ଼ୀ, ଉପସଭାପତି ପ୍ରଫେସର ରାମଚନ୍ଦ୍ର ପଣ୍ଡା ଓ ବିଚିତ୍ରାନନ୍ଦ ମହାନ୍ତି, ସମ୍ପାଦକ ଡ. ଭାଗବତ ତ୍ରିପାଠୀ, ସହସମ୍ପାଦକ ଡ. ରାଧାରାଣୀ ମହାପାତ୍ର ଓ ଲକ୍ଷ୍ମୀକାନ୍ତ ବାରିକ, କୋଷାଧକ୍ଷ ଭାବେ କରୁଣାକର ଉପାଧ୍ୟାୟ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଡା. ହରେକୃଷ୍ଣ ନାୟକ, ଲଲାଟେନ୍ଦୁ ମହାନ୍ତି ଓ କୈଳାସ ଚନ୍ଦ୍ର ପଣ୍ଡାଙ୍କୁ ଚୟନ କରାଯାଇଛି।

### ଚୋରି ଅଭିଯୋଗରେ ୨ ଗିରଫ

ପଦ୍ମପୁର, ୨୭।୫ (ଡି.ଏନ.ଏ.)-ଭଦ୍ରକ ସଦର ବ୍ଲକ ଅଧୀନ ଚଣ୍ଡିଗାଁ ପଞ୍ଚାୟତ ପଗଡ଼ ଗ୍ରାମର ମନୋଜ ପରିଡ଼ାଙ୍କ ଘରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ୍ ଭାଙ୍ଗି ମଟର ଚୋରି କରିନେଇଥିଲେ। ଗ୍ରୀଲ ଭାଙ୍ଗିବା ଶବ୍ଦ ଶୁଣି ମନୋଜ ଉଠି ସେମାନଙ୍କୁ ବାଧା ଦେବାରୁ ଜଣେ ଦୁର୍ବୃତ୍ତ ଛୁରିରେ ତାଙ୍କ ଜଙ୍ଘକୁ ଆକ୍ରମଣ କରିଥିଲେ। ସେହିପରି ଉକ୍ତ ଗ୍ରାମର ଅନ୍ୟ ଜଣଙ୍କ ଘରୁ ମଧ ଦୁଇଟି ମଟର ଚୋରି ହୋଇଥିଲା। ସାବରଙ୍ଗ ପୋଲିସ ତଦନ୍ତ ପୂର୍ବକ ଗୁରୁବାର ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସୁଦେବପୁର ଥାନା ଅଧୀନ ଏଡ଼ତାଳ ଗ୍ରାମର ଶଙ୍କର୍ଷଣ ଦାସ ଓ ପଗଡ଼ ଗ୍ରାମର ଅଜୁ ଦାସ। ଏନେଇ ଥାନାରେ ମାମଲା (ନଂ.୯୭/୨୨) ରୁଜୁ ହୋଇଛି।

# ଚିନାବାଦାମର ଅଭାବୀ ବିକ୍ରି

■ଗୋଦାମ ଘର ବ୍ୟବସ୍ଥା ନାହିଁ
■ଲାଭ ଉଠାଉଛନ୍ତି ପଶ୍ଚିମବଙ୍ଗ ବ୍ୟବସାୟୀ

ରବିନାରାୟଣ ପାତ୍ର
ଜଳେଶ୍ୱର, ୨୭।୫

ଚିନାବାଦାମ ଚାଷ ଏକ ଅର୍ଥକାରୀ ଫସଲ। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଏହା ବ୍ୟାପକ ଚାଷ ହୋଇଥାଏ । ବିହନ ମିଳିବା ଓ ଅମଳ ପରେ ବିକ୍ରି ସୁବିଧା ନ ଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ପଶ୍ଚିମବଙ୍ଗ ବ୍ୟବସାୟୀ ଜଳେଶ୍ୱର ଚାଷୀଙ୍କୁ ଆଗୁଆ ବହୁ ମୂଲ୍ୟରେ ବିହନ ଯୋଗାଇ ଅମଳ ପରେ କମ୍ ମୂଲ୍ୟରେ କିଣିଥାନ୍ତି । ଜଳେଶ୍ୱରରେ ଚିନିବାଦାମ ରଖିବା ଲାଗି ସାମଗ୍ରିକ ଭାବେ ଗୋଦାମ ଘର ନ ଥିବା ଓ ବିଶେଷ ବଜାର ନ ଥିବାରୁ ଚାଷୀ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ବିକ୍ରି କରିଆସୁଛି।

ଜଳେଶ୍ୱର କୃଷି ଜିଲାରେ ଧାନ ପରେ ଚିନାବାଦାମ ଚାଷ ସର୍ବାଧିକ ହୋଇଥାଏ। ବାଲେଶ୍ୱର ଜିଲାରେ ମୋଟ ୧୫ହଜାର ହେକ୍ଟର ଜମିରେ ଚିନିବାଦମ ହେଉଥିବା ବେଳେ ଜଳେଶ୍ୱର କୃଷି ଜିଲାରେ ୯୨୫୦ହେକ୍ଟର ଜମିରେ ଚିନିବାଦାମ ଚାଷ ହୋଇଥାଏ। ସେଥିରୁ ଜଳେଶ୍ୱରରେ ୩୦୦୦ ହେକ୍ଟର, ଭୋଗରାଇରେ ୨୮୫୦ ହେକ୍ଟର ଓ ବାଲିଆପାଳରେ ୩୪୦୦ ହେକ୍ଟର ଜମିରେ ଚିନିବାଦାମ ଚାଷ ହୋଇଥାଏ। ୧ହେକ୍ଟର ଜମିରେ ଦେଢ଼ କୁଇଣ୍ଟାଲ ବିହନ ଆବଶ୍ୟକ ହେଉଥିବା ବେଳେ ହେକ୍ଟରକୁ ପ୍ରାୟ ୨୭ କୁଇଣ୍ଟାଲ ଚିନିବାଦାମ ଅମଳ ହୋଇଥାଏ। ଜଳେଶ୍ୱରରେ କାଦ୍ରି, ସ୍ମୃତି, ଏକେ ୧୨-୨୪ ପ୍ରଜାତିର ଚିନିବାଦାମ ଚାଷ ହୋଇଥାଏ । ଜଳେଶ୍ୱରର ଗୋବରଘଟା, ଲକ୍ଷ୍ମଣନାଥ, ରାୟାଁରାମଚନ୍ଦ୍ରପୁର, କୋଟସାହି, ପାଇକସିଦା, ଗଡସାହି ବାଲିଆପାଳ, ଝାଡପିମ୍ପଳ, ବାଇଗରବାଡିଆ, ପଶ୍ଚିମବାର୍ଡ଼, ସର୍ଦ୍ଦାରବନ୍ଧ, ଶ୍ୟାମନଗର, ଶିଖରପୁର ପଞ୍ଚାୟତରେ ଚିନିବାଦାମ ଚାଷ ହୋଇଥାଏ। ଚଳିତବର୍ଷ ଓଡିଶା ରାଜ୍ୟ ବିହନ ନିଗମ ଓ ସରକାରୀ ସ୍ତରରେ ଯୋଗାଇ ଦିଆଯାଇଥିବା ଚିନିବାଦାମ ବିହନ କିଲୋ ପ୍ରତି ୫୭ ଟଙ୍କା ହୋଇଥିଲେ ମଧ ତାହା ନିମ୍ନମାନର ହୋଇଥିବାରୁ ଅମଳ କମ୍ ହେଉଥିବା ଚାଷୀମାନେ କହିଛନ୍ତି । ଅନ୍ୟପକ୍ଷରେ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓଡିଶାର ବରଗଡ ଓ କୁଆଖିଆ ଅଞ୍ଚଳର ବ୍ୟବସାୟୀମାନେ କିଲୋ ପ୍ରତି ୯୦ଟଙ୍କାରେ ବିହନ ଯୋଗାଇଥିଲେ ମଧ ଅମଳ ଭଲ ହୋଇଥିବା ଚାଷୀମାନେ କହିଛନ୍ତି । ୧ହେକ୍ଟର ଜମିରେ ୧.୫ କୁଇଣ୍ଟାଲ ବିହନ ଆବଶ୍ୟକ ହେଉଥିବା ବେଳେ ପ୍ରାୟ ୨୫କୁଇଣ୍ଟାଲ ଅମଳ ହୋଇଥାଏ। ୧ହେକ୍ଟର ଜମିରେ ୯ହଜାର ଟଙ୍କାର ବିହନ, ୯ହଜାର ଟଙ୍କାର ସାର, କୀଟନାଶକ ଓ ମଲ୍ଟି ଭିଟାମିନ୍, ୧୦ହଜାର ଟଙ୍କାର ଶ୍ରମିକ ବାବଦକୁ ଖର୍ଚ୍ଚ ହେଉଥିବା ବେଳେ ହେକ୍ଟରକୁ ପ୍ରାୟ ୭୦ରୁ ୮୦ହଜାର ଟଙ୍କା ମିଳିଥାଏ। କିନ୍ତୁ ବଜାର ନ ଥିବାରୁ କିମ୍ବା ସାଇତି ରଖିବା ଲାଗି ସ୍ଥାନାଭାବ ଯୋଗୁ ଚାଷୀ କ୍ଷତିର ସମ୍ମୁଖୀନ ହେଉଛି। ଏହାକୁ ବିକ୍ରି କରିବା ଲାଗି ସରକାର ଜଳେଶ୍ୱର ବ୍ଲକ ରାୟାଁରାମଚନ୍ଦ୍ରପୁର ଓ ଲକ୍ଷ୍ମଣନାଥ ପଞ୍ଚାୟତରେ ଥିବା ୨ଟି ସେବା ସମବାୟ ସମିତି (ପ୍ୟାକ୍ସ)ର ବ୍ୟବସ୍ଥା କରିଥିଲେ। ଏଫଏକ୍ୟୁ ମାନ୍ୟତା ଓ ଅନ୍ୟ କେତେକ ଅସୁବିଧା ଦର୍ଶାଇ କୁଇଣ୍ଟାଲ ପ୍ରତି ୧୦ କିଲୋ କଟ୍ନୀ, ଛଟ୍ନୀ ହେଉଥିବାରୁ ଚାଷୀମାନେ ସେଠାରେ ବିକ୍ରି କରିବାକୁ ପସନ୍ଦ କରୁନାହାନ୍ତି । ଚାଷୀମାନେ ସମବାୟ ସମିତିରେ ବିକ୍ରି ମୂଲ୍ୟ ପାଇବାରେ ବିଳମ୍ବ, ସମବାୟ ବ୍ୟାଙ୍କକୁ ଦୌଡିବା ଏବଂ କର୍ମଚାରୀଙ୍କ ଅସହଯୋଗ ଯୋଗୁ ଚାଷୀମାନେ ପଶ୍ଚିମବଙ୍ଗର ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ପସନ୍ଦ କରୁଛନ୍ତି। ଅନ୍ୟପକ୍ଷରେ ଚିନାବାଦାମ ପ୍ରୋସେସିଂର ବ୍ୟବସ୍ଥା ନ ଥିବାରୁ ପଶ୍ଚିମବଙ୍ଗ ବ୍ୟବସାୟୀ କିଣି ନେଇ ଦୀଘା, କାନ୍ଥି, ଖଡଗପୁର, ବେଲଦା କିମ୍ବା କୋଲକାତା ନେଇ ମଞ୍ଜି ବାହାର କରିବା ଓ ଖାଦ୍ୟ ପ୍ରକ୍ରିୟାକରଣ କରୁଥିବାରୁ ସେଠାରେ ଚାହିଦା ଅଧିକ ହୋଇଥାଏ। ଅନ୍ୟପକ୍ଷରେ ଉତ୍ପନ୍ନ ହେଉଥିବା ସ୍ଥାନଗୁଡିକରେ ଗୋଦାମ ଘର ନିର୍ମାଣ କରି ଗଚ୍ଛିତ କରି ରଖିପାରିଲେ ପରେ ତାହା ଅଧିକ ମୂଲ୍ୟରେ ବିକ୍ରି କରି ଚାଷୀ ଅଧିକ ଲାଭବାନ ହୋଇପାରନ୍ତା । ଏ ସମ୍ପର୍କରେ ଚାଷୀ ରବୀନ୍ଦ୍ର ଜେନା, ଭାନୁଚରଣ ପ୍ରମାଣିକ, ଭାସ୍କର ମହାନ୍ତି, ଜଗନ୍ନାଥ ରଣା, ବ୍ରଜେନ୍ଦ୍ର ମହାନ୍ତି, ଗଜେନ୍ଦ୍ର ମହାନ୍ତି, କାଳିଚରଣ ବେହେରା ପ୍ରମୁଖ ଚାଷୀ ସ୍ୱତନ୍ତ୍ର ସୁବିଧା ସୁଯୋଗ ବ୍ୟବସ୍ଥା, ଅମଳପରେ ବଜାର ସୃଷ୍ଟି କରିବା ଓ ପ୍ରକ୍ରିୟାକରଣର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।


ଚାଷୀମାନେ ଚିନାବାଦାମ ଅମଳ କରୁଛନ୍ତି।

### ଗଛରେ ପିଟି ହେଲା ଅଟୋ ଜଣେ ମୃତ, ୧୧ ଆହତ

ଠାକୁରମୁଣ୍ଡା,୨୭।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ତାଳପଦା- ସିମଡ଼ିହା ପ୍ରଧାନମନ୍ତ୍ରୀ ସଡ଼କର ଲକ୍ଷ୍ମୀପୋଷି ଗ୍ରାମ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଜଣେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଅଟୋଟି ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇ ଯିବାରୁ ଏଭଳି ଦୁଃଖଦ ଘଟଣା ଘଟିଛି। ୧୧ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣପଡ଼ିଛି। ମୃତକ ହେଲେ ପଡ଼ିଆବେଢ଼ା ପଞ୍ଚାୟତ ବୋରିଂ ଗ୍ରାମର କୀର୍ତ୍ତନ ମହାନ୍ତ। ପ୍ରକାଶ ଯେ, ସିମଡିହା ଗ୍ରାମର ଗୋଟିଏ ପରିବାରର ୧୧ଜଣ କପ୍ତିପଦା ବ୍ଲକ ଶରତ ଅଞ୍ଚଳସ୍ଥିତ ବନ୍ଧୁଘରକୁ ଯାଇ ଅଟୋରେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ଶୁକ୍ରା ବେହେରା, ରଞ୍ଜିତା ବେହେରା, ରାଜୁ ବେହେରା, ଜଗନ୍ନାଥ ବେହେରା, ହୀରା ବେହେରା, ବୀଣାପାଣି ବେହେରା, ଶୈଳ ବେହେରା, ଲକ୍ଷ୍ମୀମଣି ବେହେରା, ମହେଶ୍ୱର ବେହେରା, ଗଣେଶ୍ୱର ବେହେରା ଓ ଶୁଭମ ବେହେରା ଆହତ ହୋଇଛନ୍ତି। ଗୁରୁତରଙ୍କୁ ଅଧିକ ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## 'ନିଷ୍ଠାର ସହ କାର୍ଯ୍ୟ କଲେ ସଫଳତା ମିଳିବ'



ଶିବିରରେ ଉପସ୍ଥିତ ଜିଲାପାଳ ଓ ଅଧିକାରୀମାନେ।

ବାରିପଦା ଅଫିସ,୨୭।୫

**ଅବହେଳିତ ଛାତ୍ରୀଙ୍କ ଲାଗି ଆତ୍ମନିର୍ଭରଶୀଳ ପରାମର୍ଶ ଶିବିର**

ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଓରମାସର ମିଳିତ ଉଦ୍ୟମରେ ୧୮ବର୍ଷରୁ ଉର୍ଦ୍ଧ୍ୱ ଅବହେଳିତ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ସରକାରଙ୍କ ଯୋଜନାରେ ସାମିଲ ହୋଇ ଆତ୍ମ ନିର୍ଭରଶୀଳ ହେବାର ସୁଯୋଗ ଆପଣାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିଡି ଡିଆରଡିଏ ପି.ଅନ୍ୱେଷା ରେଡ୍ଡି ଉପସ୍ଥିତ ରହି ମନୋବଳକୁ ସୁଦୃଢ଼ କରି ନିଷ୍ଠାର ସହ କାମ କଲେ ସଫଳତା ମିଳିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହକୁ ବିରୋଧ କରିଥିବା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଓ ଶିଶୁ ଯତ୍ନ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ଛାତ୍ରୀମାନଙ୍କୁ ମିଶାଇ ମୋଟ ୭୦ଜଣ ଉପସ୍ଥିତ ଥିଲେ। ଡିଡିୟୁ-ଜିକେୱାଇ ମାଧ୍ୟମରେ 'ସକ୍ଷମ' ସଂସ୍ଥା ଜରିଆରେ ଏକ ବର୍ଷ ମଧ୍ୟରେ ସମସ୍ତଙ୍କୁ ତାଲିମ ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଓରମାସର ଡେପୁଟୀ ସିଇଓ ବିମାନ ମଲ, ମଧୁସୂଦନ ରଥ, ଦିଲ୍ଲୀପ କୁମାର ପଣ୍ଡା, ଅଭିଷେକ ଦାସ, ସମଗ୍ର ଶିକ୍ଷା ଅଭିଯାନର ସଂଯୋଜକ ସପନ ପୃଷ୍ଟି, ପ୍ରକାଶ ବାରିକ ଓ ଲିତାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ପୋଲିସ ଉପସ୍ଥିତିରେ ଖୋଲିଲା ଅଙ୍ଗନୱାଡି

କୁଆମରା,୨୭।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଅନ୍ତର୍ଗତ ଧାଉଁଡିଆ ଅଙ୍ଗନୱାଡି କେନ୍ଦ୍ରରେ ବିବାଦୀୟ ପରିସ୍ଥିତି ଯୋଗୁ ତାଲା ପଡ଼ିଥିଲା। ଗୁରୁବାର ପୋଲିସ ଉପସ୍ଥିତିରେ ବ୍ଲକ କର୍ତ୍ତୃପକ୍ଷ ତାଲା ଭାଙ୍ଗି ପୁଣି ଅଙ୍ଗନୱାଡି କେନ୍ଦ୍ରକୁ ଚାଲୁ କରିଛନ୍ତି। ଦୀର୍ଘ ୬ବର୍ଷ ତଳେ ଏହି ଅଙ୍ଗନୱାଡି କେନ୍ଦ୍ରରେ ନିଯୁକ୍ତ କର୍ମୀ ଶାନ୍ତିଲତା ପାଣିଗ୍ରାହୀଙ୍କ କାର୍ଯ୍ୟକୁ ବିରୋଧ କରି ଗ୍ରାମର କେତେକ ଲୋକ ତାଲା ପକାଇ ଦେଇଥିଲେ। ସେହି ଦିନଠାରୁ ଅଙ୍ଗନୱାଡି ବନ୍ଦ ରହିଥିବା ବେଳେ ପିଲାମାନେ ଅନ୍ୟ ଏକ ଅଙ୍ଗନୱାଡିକୁ ଯାଉଥିଲେ। ତେବେ ସିଡିପିଓ ସୁଜାତା ମହାପାତ୍ରଙ୍କ ପ୍ରଚେଷ୍ଟାରେ ଚଳିତ ମାସ ୧୮ ତାରିଖରେ ଏହି ଅଙ୍ଗନୱାଡି କେନ୍ଦ୍ର ଖୋଲିଥିଲା। ମାତ୍ର ଖୋଲିବାର ୪ ଦିନ ପରେ କେହି ପୁଣି ରାତିରେ ତାଲା ପକାଇ ଦେବାରୁ ଗତ ସୋମବାରଠାରୁ ଏହା ବନ୍ଦ ଥିଲା।

### କାହାଣୀ କବିତା ପୁରସ୍କାର ପାଇଲେ କବି ଶ୍ରୀଦେବ

ବାଲେଶ୍ୱର ଅଫିସ, ୨୭।୫

ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ 'କାହାଣୀ' ପତ୍ରିକା ସାରସ୍ୱତ ସମାରୋହରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ବାଲେଶ୍ୱରର ବରିଷ୍ଠ କବି ଶ୍ରୀଦେବଙ୍କୁ କାହାଣୀ କବିତା ପୁରସ୍କାର-୨୦୨୨ ପ୍ରଦାନ କରିଛନ୍ତି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ହରିଚନ୍ଦନ ଓଡ଼ିଆ ଭାଷା ସାହିତ୍ୟ ତଥା ଓଡ଼ିଶା ପ୍ରଦେଶର ସାମଗ୍ରିକ ବିକାଶ ଘଟାଇବା ମୂଳରେ ସାରସ୍ୱତ ସ୍ରଷ୍ଟାମାନେ ନିଜ କାଗଜ କଲମରେ ସାଧାରଣ ଭାବବ୍ୟକ୍ତ କେବଳ ନୁହେଁ, ନିର୍ଭୀକ ପରିପ୍ରକାଶ ମାଧ୍ୟମରେ ହିଁ ଯେପରି ବୈପ୍ଳବିକ ପରିବର୍ତ୍ତନ ଅତୀତ ଦିନରେ ଆମେ ଆମ ରାଜ୍ୟରେ ଆଣିପାରିଥିଲେ, ଠିକ୍ ସେହିପରି ଏବେ ମଧ ତାହା ସମ୍ଭବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରତିଭାବାନ ୧୦ଜଣ ସ୍ରଷ୍ଟାଙ୍କୁ ପୁରସ୍କୃତ କରାଯାଇଥିଲା। ସମାରୋହକୁ 'କାହାଣୀ'ର ମୁଖ୍ୟ ସମ୍ପାଦକ କବି ରବିନାରାୟଣ ସେନାପତି ପୌରୋହିତ୍ୟ କରିଥିଲା ବେଳେ ସମ୍ପାଦକ ବିଜୟ ନାୟକ ସ୍ୱାଗତ ସମ୍ଭାଷଣ, କବି ଅଭୟ ନାୟକ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଞ୍ଚାଳନା କରିଥିଲେ।


ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି କବି ଶ୍ରୀଦେବ।

## ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ

ବାରିପଦା ଅଫିସ/
ଖୁଣ୍ଟା,୨୭।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ନେସ୍କୋ ପାୱାର ଏମ୍ପ୍ଲୋଇଜ୍ ୟୁନିଅନ ବାରିପଦା ଶାଖା ପକ୍ଷରୁ ଉଦଳା ଓ ବାରିପଦା ଡିଭିଜନ ଅଧୀନରେ ଥିବା ୨୨ଟି ସେକ୍ସନ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୧୦ଟି ଦାବିକୁ ନେଇ ୟୁନିଅନ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ହିନ୍ଦୁସ୍ଥାନ ଇଞ୍ଜିନିୟରିଂ କର୍ପୋରେସନ ଏଜେନ୍ସି ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ କର୍ମଚାରୀମାନେ ଦୁଇ ଦିନ ଧରି ବିକ୍ଷୋଭ ପ୍ରଦର୍ଶନ କରିବାକୁ ଥିବା ବେଳେ ଅଗାମୀ ୩୦ତାରିଖରେ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିଗୁଡ଼ିକ ମଧ୍ୟରେ ୨୪ଘଣ୍ଟା କାର୍ଯ୍ୟ ପାଇଁ ବାଧ କରିବା ପ୍ରତିବଦଳରେ ୮ଘଣ୍ଟିଆ କାର୍ଯ୍ୟ ନିର୍ଘଣ୍ଟ କରିବା, ଓଭର ଟାଇମ୍ କାର୍ଯ୍ୟ ପାଇଁ ଅଧିକ ଭତ୍ତା ପ୍ରଦାନ, ଆଉଟସୋର୍ସ କର୍ମଚାରୀଙ୍କୁ ପ୍ରତି ମାସ ୧୦ତାରିଖ ମଧ୍ୟରେ ଦରମା ପ୍ରଦାନ, କର୍ମଚାରୀଙ୍କ ଚିକିତ୍ସା ପାଇଁ ଥିବା ଇଏସ୍ଆଇସି କାର୍ଡକୁ ତୁରନ୍ତ ପ୍ରଦାନ, ବୀମା ସମ୍ପର୍କରେ ଅବଗତ କରିବା, ସୁରକ୍ଷା ନିୟମକୁ ଅଣଦେଖା ନ କରି ଆବଶ୍ୟକ ଉପକରଣ ଯୋଗାଇଦେବା, କର୍ମକ୍ଷେତ୍ରରେ ସୁରକ୍ଷିତ ବାତାବରଣ, ଶ୍ରମ ଆଇନର ଉଲ୍ଲଂଘନ ନ କରିବା ଆଦି ରହିଛି। ସେହିପରି ଟିପିଏନ୍ଓଡ଼ିଏଲ ସଂସ୍ଥା ପକ୍ଷରୁ କାର୍ଯ୍ୟରତ ଠିକା କର୍ମଚାରୀମାନେ ୧୦ ଦଫା ଦାବି ନେଇ ଗୁରୁବାର ଧାରଣା ଦେଇଥିଲେ। ଖୁଣ୍ଟା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଉଦଳା ବିଦ୍ୟୁତ୍ ସବଡିଭିଜନର ସମ୍ପାଦକ ଦିପ୍ତିକାନ୍ତ ଭୂୟାଁ ଚେତାବନୀ ଦେଇଛନ୍ତି।

**ଜିଏସ୍ଟି ଠକେଇ ଅଭିଯୋଗ**

### ୩ ବ୍ୟବସାୟୀ ଭାଇଙ୍କୁ ୭୭ ଲକ୍ଷ ଜରିମାନା

ଠାକୁରମୁଣ୍ଡା,୨୭।୫(ଡି.ଏନ.ଏ.)

ଜିଏସ୍ଟି ଠକେଇ ଅଭିଯୋଗରେ ମୟୂରଭଞ୍ଜ ଜିଲା ରରୁଆଁ ଅଞ୍ଚଳର ୩ ବ୍ୟବସାୟୀ ଭାଇଙ୍କ ଉପରେ ୭୭ଲକ୍ଷ ୧ହଜାର ଟଙ୍କାର ଜରିମାନା କରାଯାଇଛି। ବାରିପଦାସ୍ଥିତ ସିଟି ଏବଂ ଜିଏସ୍ଟି ବିଭାଗର ଡେପୁଟି କମିଶନର (ଏନ୍ଫୋର୍ସମେଣ୍ଟ ୟୁନିଟ) କୁଳମଣି ବାରିକ ଏହି ସୂଚନା ଦେଇଛନ୍ତି। ତେବେ ଯାଞ୍ଚ ପରେ ଯଦି ସେମାନଙ୍କର ଅନ୍ୟ କୌଣସି ଜାଗାରେ ଲିଙ୍କ୍ ଥିବା ଜଣାପଡ଼େ ତେବେ ଜରିମାନା ପରିମାଣ ବଢ଼ିବ ବୋଲି ଡେପୁଟି କମିଶନର କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ସିଟି ଏବଂ ଜିଏସ୍ଟି ବିଭାଗ ପକ୍ଷରୁ ରରୁଆଁ, ବେନିସାଗର ଏବଂ କରଞ୍ଜିଆ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ୩ ବ୍ୟବସାୟୀ ଭାଇ ସୋରଭ ସୁଲତାନିଆଁ, ପ୍ରଭାତ ସୁଲତାନିଆଁ ଓ ସୁନୀଲ ସୁଲତାନିଆଁଙ୍କ ଅଟା କାରଖାନା, ତେଜରାତି ଦୋକାନ, ସିମେଣ୍ଟ ଛଡ଼ ଓ ଖାଇବା ତେଲ ଗୋଦାମରେ ଚଢ଼ାଉ ହୋଇଥିଲା। ଡେପୁଟି କମିଶନରଙ୍କ ସହିତ ବାଲେଶ୍ୱର,ମୟୂରଭଞ୍ଜ ଏବଂ ଯାଜପୁରର ୬ଟି ଟିମ୍ ଏଥିରେ ସାମିଲ ହୋଇଥିଲେ। ଚଢ଼ାଉ ବେଳେ ସିଟି ଏବଂ ଜିଏସ୍ଟିର ବଡ଼ଧରଣର ଠକେଇ ହୋଇଥିବା ଜଣାପଡ଼ିବାରୁ ବିଭାଗ ପକ୍ଷରୁ ଏଭଳି ଜରିମାନା ଧାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି।

## ପାନୀୟ ଜଳ, ଆବାସ ଯୋଜନାକୁ ଗୁରୁତ୍ୱ

ଧାମନଗର, ୨୭।୫ (ଡି.ଏନ.ଏ)

**ଧାମନଗର ପଞ୍ଚାୟତ ସମିତିର ତୃତୀୟ ସାଧାରଣ ବୈଠକ**

ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତିର ତୃତୀୟ ସାଧାରଣ ବୈଠକ ଶୁକ୍ରବାର ଅଧକ୍ଷା ଶର୍ମିଷ୍ଠା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରତିନିଧି ଅରବିନ୍ଦ ପତି, ବିଡିଓ ଦୁର୍ଗା ଚରଣ ମୁର୍ମୁ, ଏବିଡିଓ ଶର୍ମିଷ୍ଠା ମଲିକ, ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ସଭ୍ୟ ଉର୍ମିଳା ବିଶ୍ୱାଳ, ପ୍ରଦୀପ ମଲିକ, ଶାରଦା ପ୍ରସନ୍ନ ସାହୁ, ଅତିରିକ୍ତ ତହସିଲଦାର ଅନୁପ ବେହେରା, ଜିପିଓ ମାନସ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜଳ ଶକ୍ତି ଅଭିଯାନ-୨୦୨୨, ଗ୍ରାମାଞ୍ଚଳ ପକ୍କାଘର ଯୋଜନା, ଜଳ ସମ୍ପଦ ବିଭାଗ, ଶିଶୁ ଓ ମହିଳା ବିକାଶ ବିଭାଗ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଶିକ୍ଷା ଓ ମଧାହ୍ନ ଭୋଜନ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ ଓ ପରିବେଶ ବିଭାଗ, ବିଦ୍ୟୁତ୍, ଅବକାରୀ, କୃଷି ଏବଂ ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ ଉପସ୍ଥିତ ଥିବାବେଳେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିକାରୀ ଓ ଏମ୍ଆଇ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସରକାରୀ କର୍ମଚାରୀଙ୍କ କାର୍ଯ୍ୟାବଳୀ ଠିକ୍ ରହୁନାହିଁ ବୋଲି ପଞ୍ଚାୟତ ସମିତିର ସଦସ୍ୟା ସଦସ୍ୟ ଅଭିଯୋଗ କରିଥିଲେ। ପାନୀୟ ଜଳ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ନେଇ ସଦସ୍ୟମାନେ ଅଧକ୍ଷାଙ୍କ ଦୃଷ୍ଟିଗୋଚର କରିଥିଲେ। ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।


ବୈଠକରେ ଏମ୍ପି ମଞ୍ଜୁଲତା ମଣ୍ଡଳ, ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା ଓ ଅନ୍ୟ ଅଧିକାରୀ।

### ପ୍ରାକ୍ତନ ବିଧାୟକଙ୍କ ପୁଣ୍ୟତିଥିରେ ବିଭିନ୍ନ କାର୍ଯ୍ୟକ୍ରମ

ଖଇରା, ୨୭।୫(ଡି.ଏନ.ଏ.)

ସିମୁଳିଆ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ମହାପ୍ରୟାଣ ଦିବସ ଜୁନ ୧ତାରିଖରେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେବ। କୁପାରୀଠାରେ ସ୍ମୃତିଚାରଣ ସଭା ସାଙ୍ଗକୁ ଭଜନ ସମାରୋହ, ରକ୍ତଦାନ ଶିବିର ପରିବେଷଣ କରାଯିବ । ଓଡିଶା ମୋ ପରିବାର ଆନୁକୂଲ୍ୟରେ ସମସ୍ତ ୫୯ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ଥିବା ଶୌଚାଳୟକୁ ପରିଷ୍କାର କରାଯିବା ସହ ୨ ସପ୍ତାହ ପର୍ଯ୍ୟନ୍ତ ଏହା ଚାଲୁ ରହିବ । ସ୍ୱର୍ଗତ ବିଧାୟକଙ୍କ ସମସାମୟିକ ତଥା ତାଙ୍କର ଅନୁଗାମୀମାନେ ଉପସ୍ଥିତ ରହି ଏହି ତିଥି ଗାରିମା ବଢାଇବାକୁ ଓଡିଶା ମୋ ପରିବାର ଖଇରା ବ୍ଲକ ମୁଖ୍ୟ ପ୍ରହ୍ଲାଦ ପତି ନିବେଦନ କରିଛନ୍ତି।

## ପୁରାତନ ପୋଖରୀକୁ ସଫା କଲେ ଗ୍ରାମବାସୀ

ବାହାନଗା, ୨୭।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ଗ୍ରାମରେ ଥିବା ପୁରାତନ ଶୈବମନ୍ଦିର ନିକଟରେ ଏକ ବିରାଟକାୟ ପୋଖରୀକୁ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଗ୍ରାମବାସୀ ସଫା କରିଛନ୍ତି। ଶିବ ମନ୍ଦିର ପାର୍ଶ୍ୱରେ ଥିବା ଏହି ପୋଖରୀକୁ କୁଣ୍ଡ ପୋଖରୀ ବୋଲି ଗ୍ରାମବାସୀ ନାମକରଣ କରିଛନ୍ତି।

ଦୀର୍ଘବର୍ଷ ହେଲା ଏହି ପୋଖରୀ ସଫା ସୁତୁରା ନ ହୋଇ ଦଳ ଭର୍ତ୍ତି ହୋଇ ରହିଥିଲା। ଏଥିନିମନ୍ତେ ପଞ୍ଚାୟତ ପକ୍ଷରୁ ଦଳ ସଫା କରିବା ପାଇଁ କିଛି ଅର୍ଥ ପ୍ରଦାନ କରାଯାଇଛି ନା କେବେ ସରକାରଙ୍କ ପକ୍ଷରୁ ଗ୍ରାମର ଥିବା ଶୈବପୀଠର ପୁରାତନ ପୋଖରୀର ପୁନରୁଦ୍ଧାର କରିବା ନେଇ ଅର୍ଥ ବ୍ୟବସ୍ଥା କରାଯାଇଛି । ଏ ବିଷୟରେ ଗ୍ରାମବାସୀ ଦୀର୍ଘବର୍ଷ ହେଲା ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିଲେ । ଶେଷରେ ଗ୍ରାମର ସୌମ୍ୟରଞ୍ଜନ ତ୍ରିପାଠୀ, ରାମଚନ୍ଦ୍ର କର, ସନ୍ତୋଷ ବେହେରା, ରବୀନ୍ଦ୍ର ଯେନା, କୃଷ୍ଣଚନ୍ଦ୍ର ସେନ୍, ମୃତ୍ୟୁଞ୍ଜୟ ଲେଙ୍କା, ଉପେନ୍ଦ୍ର ମଣ୍ଡଳ, କାର୍ତ୍ତିକ ଲେଙ୍କା ପ୍ରମୁଖଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଯୁବକ ଓ ଗ୍ରାମବାସୀଙ୍କ ସହଯୋଗରେ ସମୟ ଓ ଅର୍ଥ ନିଜ ହାତରୁ ପ୍ରଦାନ କରି ଦଳ ପୋଖରୀକୁ ସଫା କରିଥିଲେ ।


ଗ୍ରାମବାସୀଙ୍କ ଦ୍ୱାରା ପୋଖରୀ ସଫେଇ କରାଯାଉଛି।

## ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ଗୌଡ଼ଟୋପା ଗ୍ରାମର ଜଣେ ଯୁବକଙ୍କୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗଙ୍ଗା ମୁଣ୍ଡା(୩୦)। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ମନୋରଞ୍ଜନ ବିଶି କହିଛନ୍ତି।

## ସଂକ୍ଷେପରେ

### ଶିଶୁ ମଙ୍ଗଳ ସମିତିରେ ଥଇଥାନ ହେଲେ ୨ ଅନାଥ

କୁଆମରା,୨୭।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ପରିଛିପୁର ଗ୍ରାମର ଏକ ଆଦିବାସୀ ବସ୍ତିରୁ ଦୁଇ ଅନାଥ ଶିଶୁଙ୍କୁ ବ୍ଲକ ପ୍ରଶାସନ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିରେ ଥଇଥାନ କରିଛି। ଉକ୍ତ ଦୁଇ ଶିଶୁଙ୍କ ମଧ୍ୟରୁ ଜଣଙ୍କ ବୟସ ୧୧ବର୍ଷ ହୋଇଥିବା ବେଳେ ଅନ୍ୟ ଜଣଙ୍କର ୧୧ବର୍ଷ। ଉକ୍ତ ଦୁଇ ଶିଶୁଙ୍କ ବାପା ଗତ ୨୦୧୪ରେ ଆରପାରିକୁ ଚାଲି ଯାଇଥିଲେ। ବାପାଙ୍କ ମୃତ୍ୟୁ ପରେ ତାଙ୍କ ମାଆ ସେମାନଙ୍କୁ ଛାଡ଼ି କେଉଁଆଡ଼େ ପଳାଇ ଯାଇଥିଲେ। ୭୦ ବର୍ଷର ଜେଜେ ବାପା ଦୁଇ ନାତିଙ୍କୁ ଧରି ଭୋକ ଉପାସରେ ରହି ଦୀର୍ଘ ୮ ବର୍ଷ ହେବ ଉଭୟଙ୍କ ଲାଳନ ପାଳନ କରି ଆସୁଥିଲେ। ସିଡିପିଓ ସୁଜାତା ମହାପାତ୍ର ଓ ଅଙ୍ଗନୱାଡି କର୍ମୀ ସୁପ୍ରା ବାରିକଙ୍କ ପ୍ରଚେଷ୍ଟାରେ ଦୁଇ ଶିଶୁଙ୍କୁ ଉଦ୍ଧାର କରାଯାଇ ଜିଲା ଶିଶୁ ମଙ୍ଗଳ ସମିତିରେ ଛଡ଼ା ଯାଇଥିବା ସିଡିପିଓ କହିଛନ୍ତି।

### ବେଆଇନ ଇଟାଭାଟି ଉଚ୍ଛେଦ

ରୂପସା, ୨୭।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ତହସିଲ ଅଧୀନ ଗିଲାଯୋଡ଼ି ଗ୍ରାମରେ ଥିବା ଏକ ବେଆଇନ ନାଲି ଇଟାଭାଟି ଉପରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଉଚ୍ଛେଦ କରାଯାଇଛି । ଜନବସତି ଭିତରେ ଉକ୍ତ ନାଲି ଇଟାଭାଟି ଦୀର୍ଘଦିନ ହେବ ବେଆଇନ ଭାବେ ଚାଲିଆସୁଥିଲା। ଏନେଇ ସ୍ଥାନୀୟ ଲୋକେ ତହସିଲ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। କୌଣସି ନ୍ୟାୟ ନ ପାଇ ଜନସାଧାରଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାସ ସଦଳବଳେ ପହଞ୍ଚି ଉକ୍ତ ବେଆଇନ ନାଲି ଇଟାଭାଟିକୁ ଉଚ୍ଛେଦ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ସିଂଲା ଥାନା ପୋଲିସ ପକ୍ଷରୁ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ବେଆଇନ ଇଟାଭାଟିଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାଶ କହିଛନ୍ତି।

### ଶିଶୁ କନ୍ୟାଙ୍କୁ ଉଦ୍ଧାର କଲେ ସରପଞ୍ଚ

ଚମ୍ପୁଆ,୨୭।୫(ଡି.ଏନ.ଏ.)- କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ରଜିଆ ପଞ୍ଚାୟତ ସରପଞ୍ଚ ସନ୍ତୋଷ ନାୟକ ଜଣେ ଶିଶୁ କନ୍ୟାଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଜିମା ଦେଇଛନ୍ତି। ୫ ବର୍ଷର ଏହି ଶିଶୁ କନ୍ୟା ଜଣକ ତାଙ୍କ ମାଉସୀ ଘର କଇଁତାଠାରେ ରହୁଥିଲେ। କୌଣସି କାରଣରୁ ଶୁକ୍ରବାର ସେ ମାଉସୀ ଘରୁ ଚାଲି ଚାଲି ପଳାଇ ଆସିଥିଲେ। ସ୍ଥାନୀୟ ଲୋକେ ଶିଶୁ କନ୍ୟା ଜଣକ ଏକା ଏକା ଯାଉଥିବା ଦେଖି ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ନାୟକ ପହଞ୍ଚି ଶିଶୁ କନ୍ୟାଙ୍କୁ ଉଦ୍ଧାର କରି ପଞ୍ଚାୟତ ଅଫିସକୁ ଆଣି ଖାଇବାକୁ ଦେଇଥିଲେ। ପରେ ସମିତି ସଦସ୍ୟ ପରମେଶ୍ୱର ନାୟକଙ୍କ ସହ ଶିଶୁ କନ୍ୟାଙ୍କ ମାଉସୀ ଘରକୁ ଯାଇ ଜିମା ଦେଇଥିଲେ। ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ମୁଗ ଚାଷୀଙ୍କ ନାମ ପଞ୍ଜୀକରଣ

ବାଙ୍ଗିରିପୋଷି,୨୭।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଲ୍ୟାମ୍ପସ୍‌ରେ ଚଳିତ ରବି ୨୦୨୧-୨୨ ମୁଗ ଚାଷୀଙ୍କ ପାଇଁ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଦ୍ୟାବଧି ୪୪ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଚାଷୀଙ୍କଠାରୁ ବାଙ୍ଗିରିପୋଷି ଲ୍ୟାମ୍ପସ୍ ମାଧ୍ୟମରେ ମାର୍କଫେଡ୍ ମୁଗ କ୍ରୟ କରିବ। ମୁଗର ଗୁଣାତ୍ମକ ମାନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୭୨୭୫ ଟଙ୍କା ରଖାଯାଇଛି। ପୋକଲଗା, ଅପରିପକ୍ୱ, ଅଧିକ ଆର୍ଦ୍ରତା ଥିବା ଓ ମାଟିବାଲି ମିଶା ମୁଗ ଆଦୌ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ସରକାରୀ ସ୍ତରରେ ଘୋଷଣା କରାଯାଇଛି। ଏଥିପାଇଁ ବାଙ୍ଗିରିପୋଷି ଲ୍ୟାମ୍ପସ ପକ୍ଷରୁ ପ୍ରଚାର ରଥ ମାଧ୍ୟମରେ ଚାଷୀମାନଙ୍କୁ ସଚେତନ କରାଯାଉଛି ।

### ମୋରଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

ମୋରଡା,୨୭।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଶୁକ୍ରବାର ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଳ, ପରିମଳ ସମସ୍ୟା ଏବଂ ପ୍ରକଳ୍ପ ଉପରେ ଅଧିକ ଆଲୋଚନା ହୋଇଥିଲା। ବ୍ଲକ ଅଧକ୍ଷ ପୀଥନାଥ ସୋରେନଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ବିଡିଓ ସାଗର ପାଲୋ, ବ୍ଲକ ଉପାଧକ୍ଷା ଜେମାମଣି ମହାନ୍ତ, ଜିଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ମିନାକ୍ଷୀ ସୋରେନ, ଅଭିରାମ ଭୋଇ, ଜିପିଇଓ ସୁଶାନ୍ତ କୁମାର ରାଉଳ, ଏମପିଙ୍କ ବ୍ଲକ ପ୍ରତିନିଧି ନଗେନ୍ଦ୍ର କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ୍ବ ଚାଷୀ ହତାଶ

### ପ୍ରତିକୂଳ ପାଗ ପାଇଁ ବ୍ୟାପକ କ୍ଷତି

- ବାହାର ରାଜ୍ୟ ଆମ୍ବକୁ ଭରସା
- ୧୦% ଉତ୍ପାଦନ କମ୍

କେନ୍ଦୁଝର,୨୭।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଆମ୍ବ ଚାଷୀ ନିରାଶ ହୋଇଛନ୍ତି। ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ଉତ୍ପାଦନ କମି ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ହାଟବଜାର ଓ ରାସ୍ତାକଡ଼ରେ ଆମ୍ବର ଆସର ଦେଖିବାକୁ ମିଳୁନାହିଁ। ସୁସ୍ୱାଦୁ ଆମ୍ବ ପାଇଁ କେନ୍ଦୁଝର ଜିଲା ଦେଶ ବିଦେଶରେ ବେଶ ପରିଚିତ ଥିବା ବେଳେ ଚଳିତ ବର୍ଷ ଆମ୍ବ ଅଭାବ ଦେଖା ଦେଇଛି। ଫଳରେ ଜିଲାବାସୀ ସୁସ୍ୱାଦୁ ଆମ୍ବ ଖାଇବାରୁ ବଞ୍ଚିତ ହେବା ସହ ଅନ୍ୟ ରାଜ୍ୟର ଆମ୍ବକୁ ଅପେକ୍ଷା କରିଛନ୍ତି। ଜଳବାୟୁରେ ପରିବର୍ତ୍ତନ ଓ ପାଗ ଅନୁକୂଳ ନ ହେବାରୁ ଚଳିତବର୍ଷ ବଣଜଙ୍ଗଲ ଓ ବାଡ଼ିବଗିଚାରେ ଥିବା ଗଛରେ ଆମ୍ବ ନାହିଁ। ଆମ୍ବ ବିକି ଭଲ ଦୁଇ ପଇସା ରୋଜଗାର କରିବା ପାଇଁ ଆଶା ବାନ୍ଧିଥିବା ଜିଲାର ଚାଷୀ ଚିନ୍ତାରେ ପଡ଼ିଛନ୍ତି।

ଚଳିତ ବର୍ଷ ଆମ୍ବ ଗଛରେ ଭଲ ବଉଳ ହୋଇ ନ ଥିଲା। ପ୍ରତିବର୍ଷ ଗଛରେ ବଉଳ ଦେଖି ବେପାରୀମାନେ ଆଗୁଆ ଆମ୍ବଗଛ ନିଲାମ ଧରିଥାନ୍ତି। ଚଳିତ ବର୍ଷ କମ୍ ବଉଳ ଦେଖି କେହି ଆସିଲେ ନାହିଁ। ଯେଉଁ କିଛି ବଉଳ ହୋଇଥିଲା ସେସବୁ ଖରାରେ ଶୁଖିଗଲା। ଆଉ କେତେକ କାଳବୈଶାଖୀ ବର୍ଷା ଯୋଗୁ ଝଡ଼ିପଡ଼ିଲା। ଏଣୁ ଗତବର୍ଷ ତୁଳନାରେ ୧୦ ପ୍ରତିଶତ ଆମ୍ବ ଉତ୍ପାଦନ କମ୍ ହେବା ନେଇ ଆଶଙ୍କା ଦେଖାଦେଇଛି। ଗତବର୍ଷ ଭଲ ଆମ୍ବ ହୋଇଥିଲେ ହେଁ କରୋନା କଟକଣା ପାଇଁ ବେପାରୀ ଆସି ନ ପାରିବାରୁ ବହୁ ଆମ୍ବ ପଚି ନଷ୍ଟ ହେଲା। ଏହା ସତ୍ତ୍ୱେ ଚାଷୀମାନେ ଆମ୍ବ ବିକି କିଛିଟା ଲାଭବାନ ହୋଇଥିଲେ। ଚଳିତବର୍ଷ ଅବସ୍ଥା ବଦଳିଥିଲେ ହେଁ ଗଛରେ ବଉଳ ନ ଆସିବାରୁ ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଆଗରୁ ବଡ଼ ବଡ଼ ଟ୍ରକ୍‌ରେ ଆମ୍ବ ବାହାରକୁ ଯାଉଥିଲା। କିନ୍ତୁ ଏବେ ଅଟୋରେ ବଜାରକୁ ପଠାଇବାକୁ ଆମ୍ବ ନାହିଁ ବୋଲି ଚାଷୀ ପର୍ଶୁରାମ ମହାନ୍ତ କହିଛନ୍ତି। ଏଣୁ ଆର୍ଥିକ ସହାୟତା ପାଇଁ ଚାଷୀମାନେ ଦାବି କରୁଛନ୍ତି।



ପ୍ରକାଶ ଯେ, କେନ୍ଦୁଝର ଜିଲାର ଜଳବାୟୁ ଓ ଭୌଗୋଳିକ ଅବସ୍ଥିତି ଆମ୍ବ ଚାଷ ପାଇଁ ଅନୁକୂଳ। ବଣଜଙ୍ଗଲ ତଥା ବାଡ଼ିବଗିଚାରେ ଦେଶୀ ଆମ୍ବ ଗଛ ବହୁ ସଂଖ୍ୟାରେ ରହିଛି। କିଛି ବର୍ଷ ହେଲା ଉଦ୍ୟାନ ଓ କୃଷି ବିଭାଗର ଉଦ୍ୟମରେ ବିଭିନ୍ନ ଯୋଜନାରେ ବ୍ୟାପକ ପରିମାଣରେ ଜାତିଜାତିକା କଲମୀ ଆମ୍ବ ବଗିଚା ପ୍ରତିଷ୍ଠା କରାଯାଇ ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ସରକାରୀ ପ୍ରୋତ୍ସାହନରେ ଶତାଧିକ ଚାଷୀ ନିଜ ନିଜର ଜମିରେ ଆମ୍ବ ବାଗାନ କରିଛନ୍ତି। ୩/୪ ବର୍ଷ ପରେ ଉକ୍ତ ଆମ୍ବ ବାଗାନରୁ ଆମ୍ବ ବିକି ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ବିଶେଷ କରି ଜିଲାର ତେଲକୋଇ, ସଦର, ଝୁମ୍ପୁରା, ହରିଚନ୍ଦନପୁର ଆଦି ବ୍ଲକ ଅଞ୍ଚଳରେ ଅଧିକ ସଂଖ୍ୟାରେ ଚାଷୀ ଏହି ଚାଷ କରିଛନ୍ତି। ଜିଲାରେ ପାଖାପାଖି ୧୦୦ ଏକର ଜମିରେ ଆମ୍ବ ଚାଷ ହୋଇଥିବା ବେଳେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଦେଶୀବିଦେଶୀ କିସମର କଲମୀ ଆମ୍ବ ଚାଷ କରାଯାଇଛି। ଦୋଶରି, ବାଇଗଣପଲେଇ, କ୍ଷୀରସାଗର, ହେମସାଗର, ଆମ୍ରପଲ୍ଲି, ଲେଗଁଡା, ଲାଟସୁନ୍ଦରୀ, ନିଲମ ଆଦି ଉନ୍ନତ କିଶମର ଆମ୍ବ ଚାଷ କରାଯାଇଛି। ବେପାରୀମାନେ ସୁସ୍ୱାଦୁ ଆମ୍ବ କିଣି ନେଇ ନୂଆଦିଲ୍ଲୀ ବନାରସ, କୋଲକାତା, ବିହାର, ରାଇପୁର, ରାଉରକେଲା, ଭୁବନେଶ୍ୱର ଓ କଟକ ଆଦି ଅଞ୍ଚଳରୁ ଚାଲାଣ କରିଥାନ୍ତି ବୋଲି ଅବସରପ୍ରାପ୍ତ କେନ୍ଦ୍ର ସରକାରୀ ଅଧିକାରୀ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। ଚଳିତ ବର୍ଷ ବାଗାନ ଖାଲି ପଡ଼ିଥିବାରୁ ଚାଷୀ ଓ ଏହି କାମରେ ନିୟୋଜିତ ହେଉଥିବା ଶ୍ରମିକ, ଆମ୍ବ କିଣି ବାହାରେ ବିକୁଥିବା ସ୍ଥାନୀୟ ଓ ବାହାର ବେପାରୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି।

### ୫ ଶିଶୁ ଶ୍ରମିକ ଉଦ୍ଧାର

କେନ୍ଦୁଝର,୨୭।୫(ସ୍ୱ.ପ୍ର.)

କେନ୍ଦୁଝର ସହରର ବିଭିନ୍ନ ହୋଟେଲରେ ଶ୍ରମ ବିଭାଗ ଚଢ଼ାଉ କରି ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ନେତୃତ୍ୱରେ ସହକାରୀ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସ, ଗ୍ରାମୀଣ ଶ୍ରମ ନିରୀକ୍ଷକ କବିତା କୁମୁଦିନୀ ହେମ୍ବ୍ରମ, ବୃନ୍ଦାବନ ଜୁଆଙ୍ଗ ପ୍ରମୁଖ ହୋଟେଲ ମେଘା,ଟେଷ୍ଟି ଟେଷ୍ଟି ଫାଷ୍ଟ ଫୁଡ ସମେତ ବିଭିନ୍ନ ହୋଟେଲ ଯାଞ୍ଚ କରି ଏହି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ସମସ୍ତଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ବଣିଆପାଟସ୍ଥିତ ସେଲଟର ହୋମରେ ରଖାଯାଇଛି। ଉଦ୍ଧାର କରାଯାଇଥିବା ଶିଶୁଙ୍କ ସ୍କୁଲ ସାର୍ଟିଫିକେଟ,ଆଧାର କାର୍ଡ ସହ ମେଡିକାଲ ପରୀକ୍ଷା କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଶିଶୁମାନଙ୍କର ବୟସ ୧୪ ବର୍ଷରୁ କମ୍ ଥିଲେ ହୋଟେଲ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କେଶ କରାଯିବ ଶ୍ରମ ବିଭାଗ ସୂଚନା ଦେଇଛି।

## ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ମାଡ଼, ଗାଡ଼ି ଭଙ୍ଗାରୁଜା



ଗଡ଼ସାହି ବାଲିଆପାଳଠାରେ ଦେଖାଦେଇଥିବା ଉତ୍ତେଜନା।

### ସୁବର୍ଣ୍ଣରେଖାରୁ ବାଲି, ମାଟି ଉଠାଣ ନେଇ ଉତ୍ତେଜନା
### ସରପଞ୍ଚ, ସମିତିସଭ୍ୟ ଥାନାରେ ଅଟକ

ଜଳେଶ୍ୱର, ୨୭।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ସୁବର୍ଣ୍ଣରେଖା ନଦୀର ବାଲି ନିଲାମ ହେଉ ନ ଥିବାରୁ ସ୍ଥାନୀୟ ବାସିନ୍ଦା ବାଲି ଓ ମାଟି ଚୋରାରେ ବିକ୍ରି କରି ଆସୁଛନ୍ତି । ଅନେକ ସମୟରେ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ମଧ୍ୟ ଉପୁଜୁଛି। ଶୁକ୍ରବାର ଗଡ଼ସାହି ବାଲିଆପାଳଠାରେ ଏଭଳି ଏକ ଘଟଣା ଉଗ୍ରରୂପ ଧାରଣ କରିଥିଲା। ଗ୍ରାମବାସୀ ସଂଘବଦ୍ଧ ଭାବେ ରାଜସ୍ୱ ବିଭାଗର ୩ଜଣ ଓ ପୋଲିସ ବିଭାଗର ୩ଜଣଙ୍କୁ ଆକ୍ରମଣ କରି ଅଟକ ରଖିବା ସହିତ ଏନ୍‌ଫୋର୍ସମେଣ୍ଟ ଗାଡ଼ି ଭଙ୍ଗାରୁଜା କରିଥିଲେ। ଜଳେଶ୍ୱର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ । ଉତ୍ତେଜନାକୁ ଦୃଷ୍ଟିରେ ରଖି ଏସ୍‌ଡିପିଓ ଅଙ୍କିତା କୁମାରଙ୍କ ନିର୍ଦ୍ଦେଶରେ ୧ପ୍ଲାଟୁନ୍ ପୋଲିସଫୋର୍ସ ସେଠାରେ ମୁତୟନ ଅଛନ୍ତି। ଆହତ କର୍ମଚାରୀଙ୍କୁ ଉଦ୍ଧାର କରାଯାଇ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବାଲେଶ୍ୱର ଜିଲା ଗଡ଼ସାହି ବାଲିଆପାଳରେ ୧୩ଲକ୍ଷ ଟଙ୍କାର ଏକ ପ୍ରକଳ୍ପ କାମ ହେବାକୁ ଥିବାରୁ ପ୍ରାୟ ୧୫ଟି ଟ୍ରାକ୍ଟରରେ ବାଲି ଓ ମାଟି ନିଆଯାଉଥିଲା । ଗାଁରୁ କେତେଜଣ ବ୍ୟକ୍ତି ବେଆଇନ ବାଲି ଉତ୍ତୋଳନ ସମ୍ପର୍କରେ ତହସିଲଦାରଙ୍କୁ ଜଣାଇଥିଲେ। ରାଜସ୍ୱ ବିଭାଗ କର୍ମଚାରୀମାନେ ପୋଲିସ ସହ ପହଞ୍ଚିଯିବାରୁ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ତହସିଲଦାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସରପଞ୍ଚ ଧ୍ରୁବଜ୍ୟୋତି ଗିରି ଓ ସମିତିସଦସ୍ୟ ଦିଲୀପ ସେନାପତିଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି ।

## ପ୍ରଧାନ ଶିକ୍ଷକ ନିଲମ୍ବିତ

### ଜାଲ୍ ସାର୍ଟିଫିକେଟରେ ଚାକିରି ଅଭିଯୋଗ

ପାଟଣା,୨୭।୫(ସ୍ୱ.ପ୍ର.)

ଜାଲ୍ ବିଇଡି ସାର୍ଟିଫିକେଟ ଦେଇ ଚାକିରି କରିବା ଅଭିଯୋଗରେ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ବିଲା ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶୀଲ କୁମାର ବେହେରାଙ୍କୁ ନିଲମ୍ବନ କରାଯାଇଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା ୮୧୨/୨୧।୫।୨୨ ଅନୁଯାୟୀ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

ସୂଚନା ଅନୁଯାୟୀ, ପ୍ରଧାନ ଶିକ୍ଷକ ବେହେରା ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଥିଲା। ଯାଞ୍ଚ ପରେ ଏହା ସତ୍ୟ ବୋଲି ଜଣା ପଡ଼ିଥିଲା। ତେବେ ସାହାରପଡ଼ା ଓ ପାଟଣା ବ୍ଲକରେ ଅନେକ ଶିକ୍ଷକ ଜାଲ୍ ବିଇଡି ଓ ସିଟି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ୩୬ ପଞ୍ଚାୟତର ଜଳକଷ୍ଟ ଦୂର ଉପରେ ଗୁରୁତ୍ୱ

### ପଞ୍ଚାୟତ ସମିତି ବୈଠକ

ବାସୁଦେବପୁର,୨୭।୫ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପଞ୍ଚାୟତ ସମିତି କନ୍‌ଫରେନ୍ସ ହଲ୍‌ରେ ପାନୀୟ ଜଳ ଓ ପରିମଳ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୩୬ ପଞ୍ଚାୟତର ଜଳକଷ୍ଟ ଦୂର ସହ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ଅଚଳ ନଳକୂପଗୁଡ଼ିକୁ ତୁରନ୍ତ ମରାମତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପଞ୍ଚାୟତକୁ ପାଇପ୍ ପାଣି ଯୋଗାଣ ଲାଗି ଚାଲିଥିବା କାର୍ଯ୍ୟର ସମୀକ୍ଷା କରାଯିବା ସହ ତୁରନ୍ତ ସମ୍ପୂର୍ଣ୍ଣ ନେଇ ଆଲୋଚନା ହୋଇଥିଲା। ଉଭୟ ସିଏଫ୍‌ସି ଓ ଏସ୍‌ଏଫ୍‌ସି ଅର୍ଥରେ ନିର୍ମାଣାଧୀନ ନଳକୂପର କାର୍ଯ୍ୟ ତୁରନ୍ତ ଶେଷ କରିବା ଓ ଆବଶ୍ୟକ ଲୁଣା ପ୍ରବଣ ପଞ୍ଚାୟତରେ ନୂତନ ନଳକୂପ ବସାଇବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପଞ୍ଚାୟତ ସମିତି ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ବିଡିଓ ସତ୍ୟଜିତ ରାଉତ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକ ପ୍ରତିନିଧି ଅସିତ ଦାସ, ବ୍ଲକ ଉପାଧକ୍ଷା ମାଧୁରୀ ବାରିକ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଚାନ୍ଦବାଲି ଡିଭିଜନ ଏସ୍‌ଡିଓ ମୁକୁଳ ଚନ୍ଦ୍ର ଦାଶ, କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ପାଢ଼ୀ, ଭରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀ।

## ରେଳବ୍ରିଜ୍ ସଂଲଗ୍ନ ରାସ୍ତା ନିର୍ମାଣ ଦାବି

ବାଲେଶ୍ୱର ଅଫିସ, ୨୭।୫

ବାଲେଶ୍ୱର ସଦର ବ୍ଲକ ଅଧୀନ ହଳଦୀପଦା ଖଣ୍ଡାହାରଠାରେ ଥିବା ରେଲୱେ କ୍ରସିଂ ନଂ-୭୧କୁ ସଂଲଗ୍ନ ହୋଇଥିବା ବ୍ରିଜକୁ ଲାଗିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ମରାମତି ପାଇଁ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ବ୍ରିଜ ଅତ୍ୟନ୍ତ ସରୁଆ ହୋଇଥିବାରୁ ଏବେ ଏହି ସ୍ଥାନ ଦୁର୍ଘଟଣାର ପେଣ୍ଠସ୍ଥଳୀ ପାଲଟିଛି। ଗ୍ରାମବାସୀ ଓ ଦତ୍ତଙ୍କ ମିଳିତ ଅଭିଯୋଗ ଅନୁଯାୟୀ ଡିଆର୍‌ଏମ୍‌ଙ୍କ ନିର୍ଦ୍ଦେଶରେ ରେଳ ବିଭାଗର ଅଧିକାରୀମାନେ ଉକ୍ତ ସ୍ଥାନକୁ ନିରୀକ୍ଷଣ କରି ବ୍ରିଜକୁ ମରାମତି କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ମାତ୍ର ବ୍ରିଜ ଉଚ୍ଚତା ହେବା ପରେ ବ୍ରିଜକୁ ଲାଗିଥିବା ଗ୍ରାମ ଉନ୍ନୟନ ବିଭାଗର ରାସ୍ତାକୁ ମଧ୍ୟ ମରାମତି କରିବା ପାଇଁ ରେଳ ବିଭାଗର ଡିଭିଜନାଲ ଇଞ୍ଜିନିୟର ଗ୍ରାମ ଉନ୍ନୟନ ଯନ୍ତ୍ରୀକୁ ଅନୁରୋଧ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗରୁ ରେଳ ବିଭାଗକୁ ରାସ୍ତା ପାଇଁ ଲିଖିତ ସହମତି ଦେବା ପରେ ରେଳ ବିଭାଗ ପକ୍ଷରୁ ବ୍ରିଜ କାର୍ଯ୍ୟ ଆରମ୍ଭ କରାଯିବ। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ଅନୁମତି ପାଇଁ ବିଳମ୍ବ କରିବାରୁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଭାଜପାର ହଳଦୀପଦା ପଞ୍ଚାୟତ ସଭାପତି ବିଜୟ ସାହୁ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ରୂପ୍‌ସା ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ବାବୁଲା ଦାସ, ଗ୍ରାମ୍ୟ କମିଟି ସଭାପତି ନରେନ୍ଦ୍ର ବର, ଗୋପାଳ ବର, ଅଭିମନ୍ୟୁ ମଣ୍ଡଳ, ଦୁଃଖୀଶ୍ୟାମ ଜେନା, ମଧୁସୂଦନ ସେଠୀ, କିଶୋର ସାହୁ, ଜିତେନ ଜେନା, ଲକ୍ଷ୍ମୀଧର ଜେନା, ନୀଳକଣ୍ଠ ବର ଓ ଗୋପାଳ ଚନ୍ଦ୍ର ବର ପ୍ରମୁଖ ଉପସ୍ଥିତ ଥିଲେ।

## ସମବାୟ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

ଭଣ୍ଡାରିପୋଖରୀ,୨୭।୫

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ସେବା ସମବାୟ ସମିତି ନିର୍ବାଚନ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିକପୁର ନିକଟ ମା' କାଳିତ୍ରା ପୀଠଠାରେ ବିଷ୍ଣୁପୁର ପଞ୍ଚାୟତ ସରପଞ୍ଚ ଅମୂଲ୍ୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ଓ ବ୍ଲକ ବିଜେଡି ନେତା ଦେବେନ୍ଦ୍ର ଦାସ ଯୋଗ ଦେଇଥିଲେ। ଦଳ କିପରି ସମିତିକୁ ଦଖଲ କରିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଜେଡି ନେତା ସୁରେନ୍ଦ୍ର ନାଥ ପାଲ, ଅରୁଣ ବାରିକ, ବିଜୟ ଖିଲାର, ସୁଶାନ୍ତ ରାଉତ, ସୁଧାକର ମହାପାତ୍ର, ବିଜୟ ରାଉତ, ରଞ୍ଜିତ ଜେନା, ଦୀପକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ନିବାସ ଖୋଲିବାକୁ ଦାବିପତ୍ର

### ଭାଲୁବସା ଆଦର୍ଶ ବିଦ୍ୟାଳୟ

କପ୍ତିପଦା,୨୭।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଭାଲୁବସାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀ ନିବାସ ଖୋଲିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଭାବକ ଶାନ୍ତିଲତା ମହାନ୍ତ, ସବିତା ମହାନ୍ତ, ରଣଜିତ ମହାନ୍ତ, ବସେନ୍ ମାର୍ଣ୍ଡି, ରାଣୀ ମାର୍ଣ୍ଡି ପ୍ରମୁଖ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ମେଧାବୀ, ଗରିବ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ୨୦୧୭ରେ ଏହି ଆଦର୍ଶ ବିଦ୍ୟାଳୟ ଖୋଲାଯାଇଥିଲା। ତେବେ ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ସେଠାରେ ଛାତ୍ରୀମାନଙ୍କୁ ରହିବା ପାଇଁ ଅନୁମତି ମିଳୁନାହିଁ। କାହିଁକି ଓ କେଉଁ ଉଦ୍ଦେଶ୍ୟ ଛାତ୍ରୀମାନଙ୍କୁ ହଷ୍ଟେଲରେ ରହିବା ପାଇଁ ବଞ୍ଚିତ କରାଯାଉଛି ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଅବିଭାବକମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ହଷ୍ଟେଲ ଯୋଗୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ପ୍ରଶାସନକୁ ଜଣାଇଲା ପରେ ମଧ୍ୟ ପ୍ରଶାସନିକ ଅଧିକାରୀ କିଛି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## କୁଜଙ୍ଗ ମହୋତ୍ସବରେ ଭଦ୍ରକର ମୋଗଲ ତାମ୍‌ସା ପ୍ରଶଂସିତ

ଭଦ୍ରକ ଅଫିସ, ୨୭।୫

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କୁଜଙ୍ଗ ସାଂସ୍କୃତିକ ମହୋତ୍ସବରେ ଭଦ୍ରକର ମୋଗଲ ତାମସା ଉଚ୍ଚ ପ୍ରଶଂସିତ ହୋଇଛି। ଭଦ୍ରକ ଗରଦପୁର ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ ଦ୍ୱାରା ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ନିର୍ଦ୍ଦେଶନା ଓ ପ୍ରଦ୍ୟୋତନ ସୁଆରଙ୍କ ସହ ନିର୍ଦ୍ଦେଶନାରେ ଉକ୍ତ ମହୋତ୍ସବରେ ମୋଗଲ ତାମ୍‌ସାର କଳାକାରମାନଙ୍କ ଅଭିନୟର ପ୍ରଶଂସା କରାଯାଇଥିଲା। କୁଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ କରିଥିଲେ। ଅଭିନୟରେ କବି ବିଜୟ ବହଳୀ, ସରୋଜ ସିଂ, ଜଗନ୍ନାଥ ମହାରାଜ, ପୀତବାସ ବହଳୀ, ନିହାର ସିଂ, ରଞ୍ଜନ ମହାନ୍ତି ଏବଂ ନାରୀ ଚରିତ୍ରରେ କସ୍ତୁରୀ ପଣ୍ଡା, ଲିପ୍ସା ଚୌଧୁରୀ, ଦୀପ୍ତିମୟୀ ମଣ୍ଡଳ ଅଂଶଗ୍ରହଣ କରିଥିଲେ।

## ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ

**ଭଣ୍ଡାରିପୋଖରୀ, ୨୭।୫:** ୫-ଟି ରୂପାନ୍ତରିତ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ଉଚ୍ଚ ବିଦ୍ୟାଳୟ ବିଭିନ୍ନ ଅତ୍ୟାଧୁନିକ ଶୈଳୀରେ ଉନ୍ନୟନମୂଳକ କାର୍ଯ୍ୟ ସମାପନ ହେବା ପରେ ପ୍ରଶାସନ ପକ୍ଷରୁ ଡକ୍ୟୁମେଣ୍ଟେସନରେ ସାମିଲ ହୋଇଛି। ଅତ୍ୟାଧୁନିକ ବିଜ୍ଞାନଗାରା, ସ୍ମାର୍ଟ କ୍ଲାସରୁମ୍, ଖେଳପଡ଼ିଆ, ଇ-ଲାଇବ୍ରେରୀ ଆଦି ନିର୍ମାଣ ହୋଇଥିବା ବେଳେ ଶୁକ୍ରବାର ଏହାକୁ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ତ୍ରିପାଠୀ, ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ସ୍ୱର୍ଣ୍ଣମୟୀ ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ରାଉତରାୟ, ସୁବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱରରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ

ବାଲେଶ୍ୱର ଅଫିସ, ୨୭।୫

ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତ ୨୫ତାରିଖରେ ବାଲେଶ୍ୱର ପବ୍ଲିକ ହାଇସ୍କୁଲ, ବସ୍ତା ଜାମଶୁଳି ହାଇସ୍କୁଲ, ବାଲିଆପାଳ ସୁବର୍ଣ୍ଣରେଖା ହାଇସ୍କୁଲ ଓ ୨୬ ତାରିଖରେ ଔପଦା ହାଇସ୍କୁଲ, ନୀଳଗିରି କେସି ହାଇସ୍କୁଲ, ରେମୁଣା ଭୀମପୁରା ହାଇସ୍କୁଲରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଯାଇଛି।

ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ପାଇଁ ଜିଲାରେ ୩୦ଜଣ ଖେଳ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ୫ଜଣିଆ ଟିମ୍ ମାଧ୍ୟମରେ ୧୦ରୁ ୧୫ ବର୍ଷ ମଧ୍ୟରେ ଇଚ୍ଛୁକ ଛାତ୍ରୀଛାତ୍ରଙ୍କ




ପବ୍ଲିକ ହାଇସ୍କୁଲରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ।

ପଞ୍ଜିକରଣ କରାଯାଇ ବ୍ରଡ୍ ଜମ୍ପ, ୩୦ମିଟର ଦୌଡ଼, ସେମାନଙ୍କର ଉଚ୍ଚତା ଓ ଓଜନ ମାପ କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପବ୍ଲିକ ହାଇସ୍କୁଲରୁ ୧୫୪, ଜାମଶୁଳୀରୁ ୫୩, ବାଲିଆପାଳରୁ ୮୨, ଔପଦାରୁ ୪୮, ନୀଳଗିରିରୁ ୯୫ ଓ ରେମୁଣାରୁ ୬୩ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସମସ୍ତଙ୍କର ପାରଦର୍ଶିତା ରିପୋର୍ଟ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗକୁ ପଠାଯିବ। ମନୋନୀତ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପରେ ସେମାନଙ୍କୁ ରାଜ୍ୟର ବିଭିନ୍ନ କ୍ରୀଡ଼ା ବିଭାଗରେ ଥିବା କ୍ରୀଡ଼ା ଛାତ୍ରାବାସରେ ରଖାଯାଇ ବିଭିନ୍ନ ଖେଳର ଉତ୍ତମ ପ୍ରଶିକ୍ଷଣ ଦିଆଯିବ। ଫଳର ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ ହେବା ସହ ଜାତୀୟ, ଆନ୍ତର୍ଜାତୀୟସ୍ତରରେ ଖେଳାଳି ବାହାର ହୋଇ ରାଜ୍ୟର ସୁନାମ ଅର୍ଜନ କରିବାର ଲକ୍ଷ୍ୟ ରଖାଯାଇଥିବା ଜିଲା କ୍ରୀଡ଼ାଧିକାରୀ ଜେନା ପ୍ରକାଶ କରିଛନ୍ତି।

